Series ΣHEFG/C

Set-4

Q.P. Code **13**

Roll No.

Candidates must write the Q.P. Code on the title page of the answer-book.

# ଓଡ଼ିଆ

# ODIA

*ସମୟ : 3 ଘଣ୍ଟା* | *ପୂର୍ଣ୍ଣ ସଂଖ୍ୟା : 80*

*Time allowed : 3 hours* | *Maximum Marks : 80*

- ପ୍ରଶ୍ନପତ୍ରଟି **11** ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ ।
- ପ୍ରଶ୍ନପତ୍ରର ଡ଼ାହାଣ ପଟ କୋଣରେ ଦିଆଯାଇଥିବା କୋଡ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ ।
- ପ୍ରଶ୍ନପତ୍ରରେ **14**ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ ।
- **ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉତ୍ତର ପୁସ୍ତିକାରେ ପ୍ରଶ୍ନର ଉପଯୁକ୍ତ ସ୍ଥାନରେ ଲେଖ ।**
- ପ୍ରଶ୍ନପତ୍ର ପଢିବାପାଇଁ 15 ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର 10.15 ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ 10.15 ଠାରୁ 10.30 ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ ।
- Please check that this question paper contains **11** printed pages.
- Q.P. Code given on the right hand side of the question paper should be written on the title page of the answer-book by the candidate.
- Please check that this question paper contains **14** questions.
- **Please write down the serial number of the question in the answer-book before attempting it.**
- 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

*

***General Instructions :***

*Question paper is divided into **4** sections. It has total **14** questions.*

*Section A : 7 Questions no. 1 to 7*

*Section B : 1 Question no. 8*

*Section C : 2 Questions no. 9 and 10*

*Section D : 4 Questions no. 11 to 14*

*Attempt questions as per specific instructions.*

*Write question no. in answer book before attempting it.*

## PART I

## SECTION A

**1.** ପ୍ରବନ୍ଧ ବିଭାଗରୁ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ବାଛି ଲେଖ । (ଯେକୌଣସି ୫ ଟି) *8×1=8*

(i) ବିରହ ଯକ୍ଷ କାହା ହସ୍ତରେ ପ୍ରିୟା ପାଖକୁ ଉଦନ୍ତ ପଠାଇଥିଲା ? *1*

(a) ପବନ (b) ପାଣି

(c) ମେଘ (d) ନିଆଁ

(ii) ବିଧାତା କାହାକୁ ଉଚ୍ଚ ଅଧିକାର ଦିଅନ୍ତି ? *1*

(a) ନିରକ୍ଷର (b) ଧନୀ

(c) ସାକ୍ଷର (d) ଯୋଗ୍ୟଲୋକ

(iii) ଗଣତନ୍ତ୍ର ଶାସନରେ ଲୋକେ କାହାକୁ ଶାସନ କରନ୍ତି ? *1*

(a) ପ୍ରଜାଙ୍କୁ (b) ନିଜେ ନିଜକୁ

(c) ରାଜାଙ୍କୁ (d) ନିଜେ ଅନ୍ୟକୁ

(iv) କାହାର ସ୍ନିଗ୍ଧ କଜଳ କାନ୍ତି ପୁଷ୍ପପୁରରେ ନେତ୍ରୋତ୍ସବ ସୃଷ୍ଟି କରିଛି ? *1*

(a) ବାରିବାହ (b) ପ୍ରକୃତି

(c) ଦୂରବନ୍ଧୁ (d) ଅଳକାପୁରୀ

(v) କାହାକୁ ଦେଖି ଗୋସେଇଁଙ୍କ ଦେହରୁ ଝାଳ ବୋହିଗଲା ? *1*

(a) ଅଗାଧୁ (b) ସାଧୁ

(c) ପାଣ୍ଡୁ (d) ରାଧୁ

(vi) 'ଇତିହାସ' ପ୍ରବନ୍ଧଟି କେଉଁ ପୁସ୍ତକରୁ ସଂଗୃହୀତ ? *1*

(a) ବିବିଧ ପ୍ରବନ୍ଧ (b) ପ୍ରବନ୍ଧ ମାନସ

(c) କଥା ଓ ଲଥା (d) ଇତିହାସ ଓ କିମ୍ବଦନ୍ତୀ

(vii) କେଉଁ ଶାସନରେ ଶାସକ ଓ ଶାସିତ ଏକ ଓ ଅଭିନ୍ନ ବୋଲି କୁହାଯାଇଛି ? *1*

(a) ସମୂହତନ୍ତ୍ର (b) ବ୍ୟକ୍ତିତନ୍ତ୍ର

(c) ଜନତନ୍ତ୍ର (d) ଗଣତନ୍ତ୍ର

(viii) କେଉଁ ପୁରରେ ସ୍ୱକର୍ମ ସାରି ଉତ୍କଳ ପଥରେ ଗତି କରି ବାକୁ ବାରିଦକୁ ଲେଖକ ନିବେଦନ କରିଛନ୍ତି ? *1*

(a) ଶ୍ରୀନଗର (b) ପୁଷ୍ପପୁର

(c) ମହୋଦଧି (d) ତୁଙ୍ଗ ଶିଖରୀ

(ix) ପ୍ରାବନ୍ଧିକ ଭୁବନେଶ୍ୱର ବେହେରା କେଉଁ ପୁସ୍ତକ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ? *1*

(a) ଶୁଣପରୀକ୍ଷ (b) କଥା ଓ ଲଥା

(c) କହ ମନ୍ତ୍ରୀବର (d) ଗାଁର ଡାକ

(x) କେଉଁ ଶିକ୍ଷା ମଣିଷ ପାଇଁ ଅଧିକ ଉପଯୋଗୀ ? *1*

(a) ଉପଦେଶାତ୍ମକ (b) କାଳ୍ପନିକ

(c) ଦୃଷ୍ଟାନ୍ତ ମୂଳକ (d) ବର୍ଣ୍ଣନାତ୍ମକ

**2.** କବିତା ବିଭାଗରୁ ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ବାଛି ଲେଖ । *7×1=7*

(ଯେକୌଣସି 7 ଟି)

(i) ସୀତାଙ୍କ ପତ୍ର ଦ୍ୱୟ କିପରି ଜନନୀଙ୍କ ଜୀବନ କନ୍ଦାଇ ଥିଲେ ? *1*

(a) ପରସ୍ପର ମଧ୍ୟରେ କଳହ କରି

(b) ବୀଣା ସହକାରେ ରାମାୟଣ ଗାନକରି

(c) ରାମଚନ୍ଦ୍ରଙ୍କ କଥା ମନେପକାଇ

(d) ପିତାଙ୍କ ପରିଚୟ ପଚାରି

(ii) ପିଙ୍ଗଳା କିଏ ? *1*

(a) ବାରବଧୂ (b) କୁଳବଧୂ

(c) ପଲ୍ଲୀବଧୂ (d) ନବବଧୂ

(iii) 'ବଡପଣ' କବିତାଟି କବିଙ୍କର କେଉଁ କାବ୍ୟରୁ ଆସିଅଛି ? *1*

(a) ଚନ୍ଦ୍ରଭାଗା (b) ମହାଯାତ୍ରା

(c) ଦରବାର (d) ପାର୍ବତୀ

(iv) 'ଦାନବାରିଧି' ବୋଲି ସୀତା ତାହାକୁ ସମ୍ବୋଧନ କରିଛନ୍ତି ? *1*

(a) ଲକ୍ଷ୍ମଣ (b) ରାମଚନ୍ଦ୍ର

(c) ଦଶରଥ (d) ବାଲ୍ମୀକି

(v) ସନ୍ଧ୍ୟାକାଳୀନ ମୃଦୁ ସମୀରଣରେ ସୂର୍ଯ୍ୟ ପ୍ରେମିକାର କାନରେ କ'ଣ କହୁଥିଲେ ? *1*

(a) ଆଉ ଫେରିବିନି (b) ବିରହ ଅବିସମ୍ବାଦିତ

(c) ଫେରିବାରେ ବିଳମ୍ବହେବ (d) ଶୀଘ୍ରଫେରି ଆସିବି

(vi) କବି ରାଧାନାଥଙ୍କ ସମୟରେ ରାଜା ଓ ପ୍ରଜାଙ୍କ ସଂପର୍କ କିପରି ଥିଲା ? *1*

(a) ଶୁଆ–ଶାରୀ ପରି (b) ବାଜ–ପାରା ପରି

(c) ସିଂହ–ଶଶକ ପରି (d) ପିତା–ପୁତ୍ର ପରି

(vii) 'ବନ୍ଦୀର ବିରହବ୍ୟଥା' କବିତାଟି କବିଙ୍କର କେଉଁ ସଂକଳନରୁ ସଂଗୃହୀତ ? *1*

(a) ବନ୍ଦୀର ଆତ୍ମକଥା (b) ଧର୍ମପଦ

(c) କାରାକବିତା (d) ଅବକାଶଚିନ୍ତା

(viii) କ'ଣ ଶୁଣି ସୀତାଙ୍କର ଉଦୟ ହାଣି ହୋଇ ଯାଉଥିଲା ? *1*

(a) ଜନକଙ୍କ ଅସୁସ୍ଥତା (b) ରାମଚନ୍ଦ୍ରଙ୍କ ଅଶ୍ୱମେଧ ଯଜ୍ଞ

(c) ଶିଶୁଦ୍ୱୟଙ୍କ କ୍ରନ୍ଦନ (d) ରାମଚନ୍ଦ୍ରଙ୍କ ଦୁଃଖର କହାଣୀ

(ix) ଆତ୍ମଜ୍ଞାନ ଲାଭପରେ ପିଙ୍ଗଳା କାହାପରି ଛୁଟିଯିବାପାଇଁ ଚାହିଁଛି ? *1*

(a) ଧୀର ସମୀରଣ (b) ଦକ୍ଷିଣା ପବନ

(c) ମୁକ୍ତଗିରିଣୀ ତଟିନୀ (d) ବରଷାର ଧାରା

3. ଗଳ୍ପ ବିଭାଗରୁ ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ବାଛି ଲେଖ । $5 \times 1 = 5$

(ଯେକୌଣସି 5 ଟି)

(i) ଦେବୀ ଓଝା କିଏ ? 1

(a) ସରପଞ୍ଚ (b) ଅବଧାନ

(c) ଦୋକାନୀ (d) ଓ୍ୱାଡ଼ମେମ୍ବର

(ii) ଘର ଭିତରେ କେଉଁ ଧ୍ୱନି ଶୁଣି ରାୟବହାଦୂର ଚମକି ଉଠିଲେ ? 1

(a) ଶଙ୍ଖଧ୍ୱନି (b) କଣ୍ଠଧ୍ୱନି

(c) ହୁଳହୁଳି (d) ହରିବୋଲ ଧ୍ୱନି

(iii) କାହାର ଭୀରୁ ସଙ୍କୁଚିତ ବିବେକ ନେଇ ଅଶୋକ ରାସ୍ତାରେ ଚାଲିଥିଲେ ? 1

(a) ବିଶ୍ୱାସଘାତକର (b) ଅବିବେକୀର

(c) ଅତ୍ୟାଚାରୀର (d) ପ୍ରଶାସକର

(iv) ବିଜୟ କାହାକୁ ବ୍ରିଟିଶ୍‌ର ଗୋଲାମ୍ ବୋଲି କହିଛି ? 1

(a) ଶିକ୍ଷକଙ୍କୁ (b) ଭାଇଙ୍କୁ

(c) ଜେଜେଙ୍କୁ (d) ବିଦ୍ରୋହୀଙ୍କୁ

(v) ବାବୁ ବଳରାମଙ୍କ ଚାକରର ନାମ କ'ଣ ଥିଲା ? 1

(a) ସାଧୁଆ (b) ମାଧିଆ

(c) ପଦିଆ (d) ବିଦିଆ

(vi) ଉତ୍ତର ଭାରତ ବ୍ୟାପୀ ପ୍ରାଥମିକ ଶିକ୍ଷକ ଧର୍ମଘଟରେ ମାଷ୍ଟରଜୀ କ'ଣ ଥିଲେ ? 1

(a) ପୁରୋଧା (b) ସମର୍ଥକ

(c) ବିଦ୍ରୋହୀ (d) ପଳାତକ

(vii) କେଉଁ ବିପ୍ଳବ ପରେ ଭାରତରେ ଜାତୀୟ ଆନ୍ଦୋଳନରେ ଏକ ନୂତନ ସ୍ୱପନ ଦେଖାଯାଇଥିଲା ? 1

(a) ଜାଲିଓ୍ୱାନାବାଗ୍ (b) ସାବରମତୀ

(c) ଚଉରୀଚଉରା (d) ଓ୍ୱାର୍ଧା

**4.** ଯଥାର୍ଥ ବିପରୀତାର୍ଥବୋଧକ ଶବ୍ଦଟି ଉତ୍ତର ପର୍ଯ୍ୟାୟରୁ ବାଛି ଲେଖ । (ଯେକୌଣସି 5 ଟି) *5×1=5*

(i) ଆକର୍ଷଣ *1*

(a) ବିକରଣ (b) ବିକର୍ଷଣ

(c) ସମୀକରଣ (d) ସମୀଚୀନ

(ii) ସଂଯୋଗ *1*

(a) ଅନୁରାଗ (b) ସରାଗ

(c) ବିଯୋଗ (d) ବିରାଗ

(iii) ଅନୁରକ୍ତ *1*

(a) ଶାନ୍ତି (b) ମୁକ୍ତ

(c) ନିଦ୍ରିତ (d) ବିରକ୍ତ

(iv) ଆବାହନ *1*

(a) ବିସର୍ଜନ (b) ଆଦାନ

(c) ପତନ (d) ସମାଧାନ

(v) ଜ୍ୟେଷ୍ଠ *1*

(a) ଶ୍ରେଷ୍ଠ (b) କନିଷ୍ଠ

(c) ବୟୋଜେଷ୍ଠ (d) ଉଚ୍ଛିଷ୍ଟ

(vi) ଦାତା *1*

(a) ବିଧାତା (b) ମୁକ୍ତା

(c) କ୍ରେତା (d) ଗ୍ରହୀତା

(vii) ଜୁଆର *1*

(a) ଅପକାର (b) ସାଗର

(c) ଭଟ୍ଟା (d) ଅନାଦର

**5.** ନିମ୍ନରେ ଦିଆଯାଇଥିବା ଉତ୍ତର ପର୍ଯ୍ୟାୟରୁ ଶୁଦ୍ଧ ଶବ୍ଦଟି ବାଛି ଲେଖ । *5×1=5*
(ଯେକୌଣସି 5 ଟି)

(i) (a) ପୂଜ୍ୟାସ୍ପଦ (b) ପୁଜାସ୍ପଦ

(c) ପୂଜାସ୍ପଦ (d) ପୁଜ୍ୟାସ୍ପଦ *1*

(ii) (a) ବସିଭୂତ (b) ବଶୀଭୂତ

(c) ବଶିଭୂତ (d) ବସିଭୁତ 1

(iii) (a) ଦୂରିକରଣ (b) ଦୁରକରଣ

(c) ଦୁରୀକରଣ (d) ଦୂରୀକରଣ 1

(iv) (a) ପ୍ରତିକ୍ଷା (b) ପ୍ରତୀକ୍ଷା

(c) ପ୍ରତିଖ୍ୟା (d) ପ୍ରତୀଖ୍ୟା 1

(v) (a) ଦୀର୍ଘଜୀବୀ (b) ଦିର୍ଘଜିବୀ

(c) ଦୀର୍ଘଜିବି (d) ଦୀର୍ଘଜୀବି 1

(vi) (a) ଗୋଲକବିହାରି (b) ଗୋଲକବିହାରୀ

(c) ଗୋଲକ ବିହାରୀ (d) ଗୋଲୋକ ବିହାରି 1

(vii) (a) ଇଶ୍ୱର (b) ଈସ୍ୱର

(c) ଇସ୍ୱର (d) ଈଶ୍ୱର 1

**6.** ନିମ୍ନରେ ଦିଆଯାଇଥିବା ଉତ୍ତର ପର୍ଯ୍ୟାୟରୁ ଯଥାର୍ଥ ଏକପଦଟି ବାଛି ଲେଖ । (ଯେକୌଣସି 5 ଟି) $5 \times 1 = 5$

(i) ପିଇବାର ଇଚ୍ଛା 1

(a) ଶୋଷ (b) ତୃଷ୍ଣା

(c) ପିପାସା (d) ପୀପାଶା

(ii) ଶକ୍ତିଙ୍କର ଉପାସକ 1

(a) ରକ୍ତ (b) ଶାକ୍ତ

(c) ଭକ୍ତ (d) ମୁକ୍ତ

(iii) ଅଳଙ୍କାର ଶାସ୍ତ୍ରରେ ଯେ ପଣ୍ଡିତ 1

(a) ଅଳଙ୍କାରିକ (b) ଅଳଂକରଣ

(c) ଅଣାକାର (d) ଅଳଂ ମଣ୍ଡନ

(iv) ଯିଏ ସୃଷ୍ଟି କରେ 1

(a) ସୃଜନୀ (b) ସ୍ରଷ୍ଟାକାର

(c) ସୃଷ୍ଟିକାର (d) ସ୍ରଷ୍ଟା

(v) ପୃଥାଙ୍କର ପୁତ୍ର *1*

(a) ସାର୍ଥକ (b) ପାର୍ଥ

(c) ପାର୍ଥୀ (d) ପ୍ରାର୍ଥୀ

(vi) ସାଧୁର ଗୁଣ *1*

(a) ସାଧୁତା (b) ବିନୟୀ

(c) ନମ୍ରତା (d) କୋମଳତା

(vii) ନାହିଁ ଭୟ ଯାହାର *1*

(a) ଭୟହୀନ (b) ଭୟାଳୁ

(c) ନିର୍ଭୟ (d) ଭୟପ୍ରଦ

**7.** ଦିଆଯାଇଥିବା ଉତ୍ତର ପର୍ଯ୍ୟାୟରୁ ସମୋଚ୍ଚାରିତ ଶବ୍ଦର ଯଥାର୍ଥ ଉତ୍ତର ବାଛି ଲେଖ । (ଯେକୌଣସି 5 ଟି) *5×1=5*

(i) ମଠ – ମଠ *1*

(a) ସାଗର – ଦରବାର (b) ଆଳସ୍ୟ – ଆଶ୍ରମ

(c) ଶ୍ରେଷ୍ଠ – ଶିକ୍ଷା (d) ଭାଇ – ପଡ଼ୋଶୀ

(ii) ପୁତ – ପୂତ *1*

(a) ପବିତ୍ର – ମନ୍ଦିର (b) ରତ୍ନାକର – ବୀର

(c) ପୁତ୍ର – ପବିତ୍ର (d) ଆଧାର – ଆଦର

(iii) ସାପ – ଶାପ *1*

(a) ଗଛ – ଦିବସ (b) ପୋଖରୀ – ଋତୁ

(c) ଫଳ – ତଟିନୀ (d) ସର୍ପ – ଅଭିଶାପ

(iv) କୃତି – କୃତୀ *1*

(a) କାର୍ଯ୍ୟ – ଦକ୍ଷ (b) ପିତା – ରାଜ୍ୟ

(c) ପର୍ବତ – ସହର (d) ରାତି – ପ୍ରୀତି

(v) ଅସି – ଅଶୀ *1*

(a) ଠେଙ୍ଗା – ପଥର (b) ଖଣ୍ଡା – ସଂଖ୍ୟା ବିଶେଷ

(c) ବାଳକ – ଶିକ୍ଷକ (d) ପବନ – ବର୍ଷା

(vi) ସର – ଶର 1

(a) ଚନ୍ଦନ – ପାଣି (b) ଫୁଲ – ଜଙ୍ଗଲ

(c) ଧନୁ – ବୀର (d) ସରସୀ – ତୀର

## PART II

## SECTION B

**8.** ଅନୁଚ୍ଛେଦଟି ପାଠକରି ଯେକୌଣସି 5 ଟି ପ୍ରଶ୍ନର ଉତ୍ତର ଲେଖ । *5×2=10*

ଥରେ ଗାନ୍ଧିଜୀ ଭିତିହରବା ବୋଲି ଗୋଟିଏ ଛୋଟ ଗାଆଁକୁ ଯାଇଥିଲେ । ସେଠାରେ ଏକ ଛୋଟ ବିଦ୍ୟାଳୟ ଥିଲା । ସେହିଠାରେ ହିଁ ସେ ଆଶ୍ରୟ ନେଇଥିଲେ । ଗାନ୍ଧିଜୀଙ୍କ ସହିତ ମା’ କସ୍ତୁରବା ମଧ୍ୟ ଯାଇଥିଲେ । ସେମାନେ ଗାଆଁ ଭିତରକୁ ଯିବା ଅବସରରେ ଅନେକ ସ୍ତ୍ରୀ ଲୋକଙ୍କୁ ଅତି ମଇଳା ଲୁଗାପିନ୍ଧିଥିବାର ଦେଖିଲେ । ଏହା ଦେଖି ଗାନ୍ଧିଜୀ କସ୍ତୁରବାଙ୍କୁ କହିଲେ – “ଏମାନେ ଏଭଳି ମଇଳା ଲୁଗା ପିନ୍ଧିଛନ୍ତି, ତାକୁ ଧୋଇ ସଫା କରୁନାହାନ୍ତି କାହିଁକି ଟିକେ ପଚ୍ରିଲ ।” ସେମାନେ କସ୍ତୁରବାଙ୍କୁ ଅଲଗା ଜଗାକୁ ଡାକି ନେଇ କହିଲେ – “ଆମ ଘର ଭିତରକୁ ଆସନ୍ତୁ, ଦେଖିବେ ଆମ ଘରେ ଆଉ କିଛି ନାହିଁ । ଏଇ ଖଣ୍ଡିଏ ଲୁଗା ଦ୍ୱିତୀୟ ଖଣ୍ଡ ନାହିଁ । ଏଇ ଖଣ୍ଡକ ଧୋଇଲେ ଆଉ ଖଣ୍ଡିଏ କେଉଠୁ ଆଣିବୁ ଯେ ପିନ୍ଧିବୁ ? ମହାତ୍ମାଜୀଙ୍କୁ କହନ୍ତୁ ଯେବେ ଆଉଖଣ୍ଡେ ଶାଢୀ ଦେବେ, ତେବେ ରୋଜ ଗାଧୋଇ ସଫାଲୁଗା ପିନ୍ଧିବାକୁ ଜବାବ ଦେବୁ ।” କସ୍ତୁରବାଙ୍କ ଠାରୁ ଏସବୁ ଶୁଣି ଗାନ୍ଧିଜୀଙ୍କ ମୁହଁ ତଳକୁ ହୋଇଗଲା । ଭାରତର ଦାରିଦ୍ର୍ୟ ଯେ କେତେ ତଳକୁ ଯାଇପାରେ ତାହା ଭାବି ଭାବି ସେ ବିବ୍ରତ ହୋଇ ପଡ଼ିଲେ । ନିଜେ ଏ ସଂପର୍କରେ ଲେଖି ସେ ବ୍ରିଟିଶ୍ ସରକାରଙ୍କୁ ଜଣାଇଥିଲେ – “ଭାରତର ଅନେକ ଘରେ ଲୋକଙ୍କର ଆସବାସ ବୋଲି କିଛି ନାହିଁ କି ପାଲଟିବାକୁ ଲୁଗାଖଣ୍ଡେ ନାହିଁ । ଖଣ୍ଡେ ଛିଣ୍ଡା କନାରେ ଲୋକେ ଲଜ୍ଜା ନିବାରଣ କରନ୍ତି ମାତ୍ର ।”

(i) ଗାନ୍ଧିଜୀ ବୁଲି ଯାଇଥିବା ଗାଆଁଟିର ନାମ କ’ଣ ?

(ii) ଗାନ୍ଧିଜୀଙ୍କ ସାଙ୍ଗରେ ଆଉକିଏ ଯାଇଥିଲେ ?

(iii) କେଉଁ ଦୃଶ୍ୟକୁ ଗାନ୍ଧିଜୀ ସହଜରେ ଗ୍ରହଣକରିପାରିଲେ ନାହିଁ ?

(iv) ଗାନ୍ଧିଜୀ ଗାଁ ସ୍ତ୍ରୀ ଲୋକ ମାନଙ୍କୁ କ'ଣ ପଗ୍ରିବା ପାଇଁ କସ୍ତୁରବାଙ୍କୁ କହିଥିଲେ ?

(v) ସେମାନେ କେଉଁଠାରେ ଆଶ୍ରୟ ନେଇଥିଲେ ?

(vi) ଗ୍ରାମର ସ୍ତ୍ରୀ ଲୋକମାନେ କି ଉତ୍ତର ଦେଇଥିଲେ ?

(vii) ଗାନ୍ଧିଜୀ ବ୍ରିଟିଶ୍ ସରକାରଙ୍କୁ କ'ଣ ଲେଖି ଜଣାଇଥିଲେ ?

**SECTION C**

**9.** ଯେକୌଣସି ***ଗୋଟିଏ*** ବିଷୟରେ ପ୍ରବନ୍ଧ ଲେଖ । *1×6=6*

(i) ଅଲମ୍ପିକ କ୍ରୀଡ଼ା

(ii) ଗ୍ରାମାଞ୍ଚଳର ବିକାଶରେ ବ୍ୟାଙ୍କମାନଙ୍କର ଭୂମିକା

(iii) ଛାତ୍ରମାନଙ୍କ ନିମନ୍ତେ ନୈତିକ ଶିକ୍ଷା

**10.** ତୁମ ଅଞ୍ଚଳରେ ବହୁ ଲୋକ ଜ୍ୱରରେ ପୀଡ଼ିତ, ଡେଙ୍ଗୁ ଜ୍ୱରର ସଚେତନତାକୁ ଦୃଷ୍ଟିରେ ରଖି ଖୁବ୍‌ଶୀଘ୍ର ଏ ଅଞ୍ଚଳର ସ୍ୱାସ୍ଥ୍ୟ ସେବା ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏକ ଦରଖାସ୍ତ ଲେଖ । *1×6=6*

**କିମ୍ବା**

କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବାରୁ ତୁମ ଗ୍ରାମର ପ୍ରାୟ ଗ୍ରିଶ ବଖରାଘର ପୋଡ଼ି ଯାଇଛି, ଲୋକମାନେ ବାସହୀନ ହୋଇ ନାହିଁ ନଥିବାଦୁର୍ଦ୍ଦଶାକୁ ସାମନା କରୁଛନ୍ତି । ଯଥାଶୀଘ୍ର କିଛି ସାହାଯ୍ୟ ପ୍ରଦାନ କରିବାକୁ ଅନୁରୋଧ କରି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଏକ ପତ୍ରଲେଖ ।

**SECTION D**

**11.** ସପ୍ରସଙ୍ଗ ସରଳାର୍ଥ ଲେଖ । (***ଗୋଟିଏ***) *1×5=5*

(i) "କଥାରେ କହନ୍ତି, ଯିଏ ଯେଉଁ ଶାସନ ପାଇଁ ଉପଯୁକ୍ତ ସେ ସେଇୟାହିଁ ପାଏ । ତେଣୁ ଆଜି ଆମର ଏ ଅବସ୍ଥା ପାଇଁ ଆମେ ନିଜେ ହିଁ ଦାୟୀ ।"

(ii) "ମାତ୍ର ଯେଉଁ ବାୟୁ, ସଲିଳ, ଅଲୋକ ଓ ଉତ୍ତାପ ପାଇଁ ସେ ଜୀବୀ ମାନଙ୍କର ବାସଭୂମି ହେଉଛି, ସେଥିରୁ ଗୋଟିଏ ଊଣା ହେଲେ କ'ଣ ସେ ଆଉ ବାସଭୂମି ହୋଇ ରହିପାରିବ ?"

**12.** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ । (ଯେକୌଣସି 2 ଟି) *2×2=4*

(i) ଗୋସାଇଁ କାହିଁକି ଛେଳିକୁ ବୋହି ନେଇ ଯାଉଥିଲେ ?

(ii) ମୂକ ମନ୍ଦିର କୋଣାର୍କର ମୁଖ ପିଟିଲେ କ'ଣ ହୁଅନ୍ତା ?

(iii) ମନୁଷ୍ୟତ୍ୱର ବିଶେଷ ଲକ୍ଷଣ କ'ଣ ?

**13.** ସପ୍ରସଙ୍ଗ ସରଳାର୍ଥ ଲେଖ । (***ଗୋଟିଏ***) *1×5=5*

(i) "ଯା ଦେଖି ଜାଣିବେ ଜଗତେ ସମସ୍ତେ
ଆସିଥିଲି ଫେରିଗଲି ଶୂନ୍ୟହସ୍ତେ"

(ii) "ସୁନ୍ଦର ସରୋଜ ଚରଣେ କିମ୍ପା ଜଡିତ ଅହି
ବିପରୀତ ସ୍ଥିତି ରହସ୍ୟ କିଏ ପାରିବ କହି"

**14.** ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ । (ଯେକୌଣସି 2 ଟି) *2×2=4*

(i) ପିଙ୍ଗଳା କାହିଁକି ନିଜକୁ ସର୍ପିଣୀ ବୋଲି କହିଁଛି ?

(ii) ସଂଧ୍ୟାକାଳୀନ ତରୁଗିରିର ବିସ୍ତାରିତ ଛାୟାକୁ କବି କାହା ସହିତ ତୁଳନା କରିଛନ୍ତି ?

(iii) ସୀତା ରାମଚନ୍ଦ୍ରଙ୍କ ଠାରୁ କେଉଁ ମନ୍ତ୍ର ଜାଣିବାକୁ ଚାହୁଁଥିଲେ ?